# NATIONAL NEWS BULLETIN (ODIA)

## 12th February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଗତ ହେଲା ଇଣ୍ଡଷ୍ଟ୍ରିଆଲ ରିଲେସନ୍ କୋଡ୍‌-୨୦୨୦ ସଂଶୋଧନ ବିଲ୍ ।
- 'ଅନ୍-ସ୍କ୍ରିନ୍ ମାର୍କିଂ' ପଦ୍ଧତିରେ ମୂଲ୍ୟାଙ୍କନ ହେବ ଚଳିତ ବର୍ଷ ସି.ବି.ଏସ୍.ଇ. ଦ୍ୱାଦଶ ଶ୍ରେଣୀ ଉତ୍ତର ଖାତା ।
- ମାଡ଼ାଗାସ୍କରରେ ଘୂର୍ଣ୍ଣିଝଡ଼ ଗେଜାନୀ ପ୍ରଭାବରେ ୨୦ ଜଣଙ୍କ ମୃତ୍ୟୁ ।

ଏବଂ

- ଏଫ୍.ଆଇ.ଏଚ୍. ପ୍ରୋ-ଲିଗ୍ ପୁରୁଷ ହକିରେ ଭାରତ' ବେଲ୍‌ଜିୟମ୍‌ଠାରୁ ୧-୩ ଗୋଲ୍‌ରେ ପରାସ୍ତ ।

— ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଆଜି ସନ୍ଧ୍ୟାରେ ଖେଳାଯିବ ମ୍ୟାଚ୍

## ଏଲ୍.ଏସ୍. - ଇଣ୍ଡଷ୍ଟ୍ରିଆଲ୍ କୋଡ୍

ଲୋକସଭାରେ ଗତକାଲି ଔଦ୍ୟୋଗିକ ସମ୍ବନ୍ଧ ସଂହିତା-ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ କୋଡ୍-୨୦୨୦ ସଂଶୋଧନ ବିଲ୍ ଆଗତ ହୋଇଛି । ଗୃହରେ ପ୍ରଶ୍ନକାଳରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ୍ ମାଣ୍ଡବୀୟ ଏହି ସଂଶୋଧିତ ବିଲ୍ ଆଗତ କରିଥିଲେ । ଏହି ସଂଶୋଧିତ ବିଲ୍‌ଦ୍ୱାରା ଟ୍ରେଡ୍ ୟୁନିୟନ୍ ଅଧିନିୟମ-୧୯୨୬, ଔଦ୍ୟୋଗିକ ରୋଜଗାର ଅଧିନିୟମ-୧୯୪୬ ଏବଂ ଶିଳ୍ପ ବିବାଦୀୟ ଅଧିନିୟମ-୧୯୪୭ ବଦଳରେ ଔଦ୍ୟୋଗିକ ସମ୍ବନ୍ଧ ସଂହିତା-୨୦୨୦ ଲାଗୁ କରିବାର ଲକ୍ଷ୍ୟ ରହିଥିବା ଶ୍ରୀ ମାଣ୍ଡବୀୟ କହିଛନ୍ତି ।

## ପି.ଏମ୍. - ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଶନିବାର ଆସାମ ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀ ପ୍ରଥମେ ଛାବୁଆ ବାୟୁସେନା ଘାଟିରେ ପହଞ୍ଚିବେ ଏବଂ ଏହାପରେ ମୋରାନ୍ ଯିବେ । ସେଠାରେ ଅନେକ ଯୁଦ୍ଧ ଜେଟ୍‌ବିମାନ ପକ୍ଷରୁ ଫ୍ଲାଏ୍ ପାଷ୍ଟ କରାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀ ଉପରେ ନୂତନଭାବେ ନିର୍ମିତ

କୁମାର ଭାସ୍କରବର୍ମନ୍ ସେତୁର ଉଦ୍‌ଘାଟନ କରିବେ । ଏହି ସେତୁ ଗୁଆହାଟୀ ଏବ ଉତ୍ତର ଗୁଆହାଟୀ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିଥାଏ । ପ୍ରଧାନମନ୍ତ୍ରୀ ମଧ୍ୟ ଆମିନ୍‌ଗାଓଁଠାରେ ଏକ ଡାଟା ସେଣ୍ଟର୍‌ର ଉଦ୍‌ଘାଟନ କରିବେ । ଗୁଆହାଟୀଠାରେ ଦଳୀୟ କାର୍ଯ୍ୟକାରୀ ବୈଠକରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଟେକ୍ସଟାଇଲ୍ - ଇଣ୍ଡିଆ-ୟୁ.ଏସ୍. ଟ୍ରେଡ୍

ଭାରତ ଏବଂ ଯୁକ୍ତରାଷ୍ଟ୍ର ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ ବୁଝାମଣାପତ୍ରକୁ ବୟନଶିଳ୍ପ ପକ୍ଷରୁ ପ୍ରଶଂସା କରାଯାଇଛି । ଆଲୋକ ଇଣ୍ଡଷ୍ଟ୍ରୀ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରୀ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ ରାଜବଂଶୀ କହିଛନ୍ତି, ଏହି ବୁଝାମଣାଦ୍ୱାରା ଭାରତ ଏବଂ ଆମେରିକା ମଧ୍ୟରେ ବ୍ୟାବସାୟିକ କାରବାର ବୃଦ୍ଧି ପାଇବ । ବୟନ କ୍ଷେତ୍ରରେ ୪ କୋଟି ୫୦ ଲକ୍ଷ ଲୋକ ଉପକୃତ ହେବେ ବୋଲି ସେ କହିଛନ୍ତି । ଶ୍ରୀ ରାଜବଂଶୀ କହିଛନ୍ତି, ଏହି ବୁଝାମଣା ଯୋଗୁଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିଳ୍ପ କ୍ଷେତ୍ରରେ ଉତ୍ପାଦକତା ତ୍ୱରାନ୍ୱିତ ହୋଇପାରିବ ।

***Voice :......***

# ଇ.ସି.ଆଇ. - ଆୱାର୍‌ନେସ୍ କ୍ୟାମ୍ପେନ୍

ଭାରତୀୟ ନିର୍ବାଚନ ଆୟୋଗ ଇ.ସି.ଆଇ. ପକ୍ଷରୁ ନିର୍ବାଚନ ହେବାକୁ ଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଏବଂ ଭିଭିପାଟ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ଭୋଟରମାନଙ୍କୁ ଇ.ଭି.ଏମ୍.ର ବ୍ୟବହାର ସମ୍ପର୍କରେ ସଚେତନତା କରିବା ଲାଗି ଏହିସବୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କୁହାଯାଇଛି । ଏହିସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଆୟୋଜିତ ଇ.ଭି.ଏମ୍. ବ୍ୟବହାର ସମ୍ପର୍କିତ ସିବିରରେ ଏକ ଲକ୍ଷ ୨୦ ହଜାର ଭୋଟର ଅଂଶଗ୍ରହଣ କରିଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମୁଖ୍ୟାଳୟ ଏବଂ ରିଟର୍ଣ୍ଣିଂ ଅଫିସର୍ ଏବଂ ରାଜସ୍ୱ ସବ୍‌ଡିଭିଜନ୍ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏହି ସିବିରର ଆୟୋଜନ କରାଯାଇଥିଲା । ଇ.ଭି.ଏମ୍. ଏବଂ ଭିଭିପାଟ୍ ମେସିନ୍ ସମ୍ପର୍କରେ ଭୋଟରମାନଙ୍କ ମଧ୍ୟରେ ଅଭିଜ୍ଞତା ପ୍ରଦାନ ଏବଂ ଆସ୍ଥା ବୃଦ୍ଧି କରିବା ଲାଗି ଏହି ଅଭିଯାନର ଲକ୍ଷ୍ୟ ରହିଥିବା ଇ.ସି.ଆଇ. ପକ୍ଷରୁ କୁହାଯାଇଛି । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ପରିଚାଳନାଗତ ତ୍ରୁଟି ସୁଧାରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ଡିଫେନ୍ସ ଆକୋମୋଡେସନ୍

ପ୍ରତିରକ୍ଷା କର୍ମଚାରୀଙ୍କୁ ବାସଗୃହ ଆବଣ୍ଟନ ସମୟରେ ପରିବାରର ପରିବର୍ଦ୍ଧିତ ସଂଜ୍ଞା ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅନୁମୋଦନ କରିଛନ୍ତି । ପରିବର୍ତ୍ତିତ ନିୟମରେ ପିତାମାତାଙ୍କ ସହ ନିର୍ଭରଶୀଳ ସନ୍ତାନ, ଆଇନଗତ ଭାବେ ଗ୍ରହଣ କରାଯାଇଥିବା ପୋଶ୍ୟ ସନ୍ତାନ ଏବଂ ସାବତ ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ନୂଆ ନିୟମରେ ଅବିବାହିତ ମହିଳା କର୍ମଚାରୀଙ୍କ ସହ ରହୁଥିବା ପିତାମାତା ଉପକୃତ ହେବେ । ବୟସ୍କ ପିତାମାତା ଏବଂ ବରିଷ୍ଠ ନାଗରୀକଙ୍କ ଲାଳନପାଳନ ପାଇଁ ଏହି ନିୟମ ସହାୟକ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ସି.ବି.ଏସ୍.ଇ. - ଓ.ଏସ୍.ଏମ୍.

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସି.ବି.ଏସ୍.ଇ. ପକ୍ଷରୁ ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ଉତ୍ତର ଖାତାରେ 'ଅନ୍-ସ୍କ୍ରିନ୍ ମାର୍କିଂ' ପଦ୍ଧତିରେ ମୂଲ୍ୟାଙ୍କନ କାର୍ଯ୍ୟକାରୀ କରାଯିବ । ଅନ୍ୟପକ୍ଷରେ ଦଶମ ଶ୍ରେଣୀ ଉତ୍ତର ଖାତାରେ ମୂଲ୍ୟାଙ୍କନ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ । ସି.ବି.ଏସ୍.ଇ.ର ପରୀକ୍ଷା ନିୟନ୍ତ୍ରକ ସନ୍ୟାମ୍ ଭରଦ୍ୱାଜ କହିଛନ୍ତି, ପରୀକ୍ଷା ପଦ୍ଧତିରେ ସ୍ୱଚ୍ଛତା ଆଣିବା

ଲକ୍ଷ୍ୟରେ ବୋର୍ଡ଼ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ଉତ୍ତର ଖାତାରେ 'ଅନ୍-ସ୍କ୍ରିନ୍ ମାର୍କିଂ' ପଦ୍ଧତି ପ୍ରଚଳନପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉତ୍ତର ଖାତାରେ ଭୁଲ୍ ଦୂର କରିବା, ସମନ୍ୱୟ ବୃଦ୍ଧି କରିବା ଏବଂ ପାରମ୍ପରିକ ପଦ୍ଧତି ହ୍ରାସ କରାଯାଇପାରିବ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି । ସି.ବି.ଏସ୍.ଇ. ପକ୍ଷରୁ ଭାରତ ଏବଂ ୨୬ଟି ଦେଶରେ ବାର୍ଷିକ ଅନୁଷ୍ଠିତ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପ୍ରାୟ ୪୬ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥା'ନ୍ତି ।

## ଏନ୍.ପି.ସି. ୱିକ୍ - କମର୍ସ ମିନିଷ୍ଟ୍ରି

ଜାତୀୟ ଉତ୍ପାଦକ ପରିଷଦ - ଏନ୍.ପି.ସି. ପକ୍ଷରୁ ୬୮ତମ ପ୍ରତିଷ୍ଠା ଦିବସ ଅବସରରେ ଆଜିଠାରୁ ଜାତୀୟ ଉତ୍ପାଦକତା ସପ୍ତାହ ପାଳନ ଆରମ୍ଭ କରାଯିବ । ଏହି ସପ୍ତାହ ସମଗ୍ର ଦେଶରେ ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଜାତୀୟ ଉତ୍ପାଦକତା ସପ୍ତାହ ପାଳନର ବିଷୟବସ୍ତୁ ରହିଛି, "ବିଶକ ଇଞ୍ଜିନ : ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସର୍ବାଧିକ ଉତ୍ପାଦକତା ବୃଦ୍ଧି" । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍' ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ସଶକ୍ତ କରିବା, ନିର୍ମାଣ କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି କରିବା ଏବଂ

ଦୀର୍ଘସ୍ଥାୟୀ ଶିକ୍ଷାଳୟନ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦେଇଥିବାରୁ ଚଳିତ ଥର ଏହା ଉପରେ ଗୁରୁତ୍ୱ ଦିଆଯାଇଛି ।

ସପ୍ତାହ ପାଳନ ଅବସରରେ ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗାନ୍ଧିନଗର, ଗୁଆହାଟୀ ଏବଂ ହାଇଦ୍ରାବାଦଠାରେ ଆଲୋଚନାଚକ୍ର, କର୍ମଶାଳା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

## ଦିଲ୍ଲୀ - ମେଟ୍ରୋ

ଦିଲ୍ଲୀ ସରକାର ଆଜି ମେଟ୍ରୋ ଫେଜ୍ ରେଳ ଲାଇନ୍ ଫାଇଭ୍-ଏ ଅନ୍ତର୍ଗତ ତିନୋଟି ନୂତନ କରିଡ଼ରକୁ ଅନୁମୋଦନ କରିଛନ୍ତି । ଏଥିରେ ୧୩ଟି ମେଟ୍ରୋ ଷ୍ଟେସନ୍ ସହ ୧୬ କିଲୋମିଟର ଦୀର୍ଘତା ବିଶିଷ୍ଟ ରେଳ ଲାଇନ୍ ଅନ୍ତର୍ଭୁକ୍ତ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି, ରାଜଧାନୀର ସାଧାରଣ ପରିବହନ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ସୁଦୃଢ଼ିକରଣ ଦିଗରେ ଏହା ଏକ ବୃହତ ପଦକ୍ଷେପ । ଏହି ସମଗ୍ର ପ୍ରକଳ୍ପ ପାଇଁ ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିରେ ଦିଲ୍ଲୀ ସରକାରଙ୍କର ବଜେଟ୍ ସହାୟତା ପରିମାଣ ୨ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଛି ।

ଅନୁମୋଦିତ ହୋଇଥିବା ତିନୋଟି କରିଡ଼ର ମଧ୍ୟରେ ରହିଛି – ଆର୍.କେ. ଆଶ୍ରମରୁ ଇନ୍ଦ୍ରପ୍ରସ୍ଥ ଭାୟା ସେଣ୍ଟ୍ରାଲ୍ ଭିସ୍ତା, ତୁଗଲକ୍‌ବାଦରୁ କାଳିନ୍ଦୀକୁଞ୍ଜ ଏବଂ ଏରୋସିଟିରୁ ଇନ୍ଦିରା ଗାନ୍ଧି ଡୋମିଷ୍ଟିକ୍ ଟର୍ମିନାଲ୍-ୱାନ୍ । ଏହି ମେଟ୍ରୋ ସମ୍ପ୍ରସାରଣ ଯୋଗୁଁ ଦିଲ୍ଲୀକୁ ସ୍ୱଚ୍ଛ ବିଶ୍ୱସ୍ତରରେ ପ୍ରତିଯୋଗିତା ସମ୍ପନ୍ନ ଏବଂ ଅଧିକ କାର୍ଯ୍ୟକ୍ଷମ କରିପାରିବ । ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନାଗରିକ କେନ୍ଦ୍ରିତ ପରିବହନ ବ୍ୟବସ୍ଥା ଗଠନ ଦିଗରେ କେନ୍ଦ୍ର ସହ ମିଶି କାର୍ଯ୍ୟ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମାଡାଗାସ୍କର - ସାଇକ୍ଲୋନ୍

ମାଡାଗାସ୍କରର ମୁଖ୍ୟ ବନ୍ଦର ସିଟି ସହରରେ ଘୂର୍ଣ୍ଣିଝଡ଼ ଗେଜାନୀ ପ୍ରଭାବରେ ୨୦ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ସେଠାରେ ପବନର ବେଗ ଘଣ୍ଟାପ୍ରତି ୧୯୫ କିଲୋମିଟରରୁ ଅଧିକ ରହିଥିଲା । ସେହିପରି ସେହି ଅଞ୍ଚଳପାଇଁ ବନ୍ୟା ଓ ଭୂସ୍ଖଳନ ଲାଗି ସତର୍କ ସୂଚନା ଜାରି କରାଯାଇଥିଲା । ଘୂର୍ଣ୍ଣିଝଡ଼ ଯୋଗୁଁ ୩୩ ଜଣ ଆହତ, ୧୫ ଜଣ ନିଖୋଜ ହୋଇଥିବା ସୂଚନା ମିଳିଛି । ପ୍ରାୟ ୩ ଲକ୍ଷ ବାସଗୃହ ନଷ୍ଟ ହୋଇଥିବା ସୂଚନା ମିଳିଛି । ଏହି

ଘୂର୍ଣ୍ଣିଝଡ଼ ଆସନ୍ତା ସପ୍ତାହବେଳକୁ ମାଡ଼ାଗାସ୍କରର ଦକ୍ଷିଣ-ପଶ୍ଚିମ ଅଭିମୁଖେ ଗତି କରିବାର ଆଶା କରାଯାଉଛି ।

## ଏଫ୍.ଆଇ.ଏଚ୍. ହକି ପ୍ରୋ-ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଗତକାଲି ଅନୁଷ୍ଠିତ ଏଫ୍.ଆଇ.ଏଚ୍. ପ୍ରୋ-ଲିଗ୍ ପୁରୁଷ ହକିରେ ଭାରତ ବେଲ୍‌ଜିୟମ୍‌ଠାରୁ ୧-୩ ଗୋଲ୍‌ରେ ପରାସ୍ତ ହୋଇଛି । ବେଲ୍‌ଜିୟମ୍ ପକ୍ଷରୁ ନେଲ୍‌ସନ୍ ଓନାନା, ଥୋମାସ୍ କ୍ରୋଲ୍‌ସ ଏବଂ ଆର୍ଣ୍ଣୋ ଭାନ୍ ଡେସେଲ୍ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବାବେଳେ ଭାରତ ପକ୍ଷରୁ ଶିଳାନନ୍ଦ ଲାକ୍ରା ଏକମାତ୍ର ଗୋଲ୍ ଦେଇଥିଲେ । ଖେଳ ମଧ୍ୟାନ୍ତରବେଳକୁ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବାବେଳେ ତୃତୀୟ ଭାଗର ଶେଷ ୧୫ ମିନିଟ୍‌ରେ ବେଲ୍‌ଜିୟମ୍ ୨ଟି ଗୋଲ୍ ଦେବାକୁ ସମର୍ଥ ହୋଇଥିଲା ।

ଆଜି ସନ୍ଧ୍ୟା ସାଢ଼େ ୭ଟାରେ ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତା ଶନିବାର ଦିନ ପୁଣି ଥରେ ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ମୁକାବିଲା ହେବ ।

# ଆଇ.ସି.ସି. - ମେନ୍ସ ଟି-ଟ୍ୱେଣ୍ଟି ୱାର୍ଲଡ୍ କପ

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍ ସି’ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍’ ଇଂଲଣ୍ଡକୁ ୩୦ ରନ୍‌ରେ ପରାସ୍ତ କରିଛି । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଚାଲିଥିବା ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ଟି ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଇଂଲଣ୍ଡ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶେରଫାନ୍ ରଦରଫୋର୍ଡ୍ ୭୬ ରନ୍ କରି ଅପରାଜିତ ଥିଲେ ।

ଗ୍ରୁପ୍-ବି’ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ୬୭ରନ୍‌ରେ ଆୟରଲାଣ୍ଡକୁ ଗତକାଲି ପରାସ୍ତ କରିଥିଲା । ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୧୮୨ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ଆୟରଲାଣ୍ଡ ଦଳ ୧୬ ଓଭର ୫ଟି ବଲ୍‌ରେ ୧୧୫ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା ।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନ ବିରୋଧରେ ଦୁଇଟି ସୁପର ଓଭର ଖେଳି ବିଜୟ ହାସଲ କରିଥିଲା । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭର ୬ ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ

ଆଫଗାନିସ୍ତାନ ୧୯ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ସମାନ ରନ୍ ସଂଗ୍ରହ କରିଥିଲା ।

## ଆଇ.ଏମ୍.ଡି. - ୱେଦର

ଭାରତୀୟ ପାଣିପାଗ ବିଭାଗ - ଆଇ.ଏମ୍.ଡି. ପକ୍ଷରୁ ମେଘାଳୟ ଓ ହିମାଚଳ ପ୍ରଦେଶରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ପରିଲକ୍ଷିତ ହେବାର ସୂଚନା ଦିଆଯାଇଛି । ସେହିପରି ଅରୁଣାଚଳ ପ୍ରଦେଶର କେତେକ ସ୍ଥାନରେ ଆସନ୍ତା ଶନିବାର ସୁଦ୍ଧା ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଥିବା କୁହାଯାଇଛି । ଆସନ୍ତା ୩ ଦିନ ମଧ୍ୟରେ କୋଙ୍କଣ, ଗୋଆ ଏବଂ ଉପକୂଳବର୍ତ୍ତୀ କର୍ଣ୍ଣାଟକରେ ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି ।

*****